ଜମ୍ମୁ ଏବଂ କାଶ୍ମୀର ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଅବଦୁଲ ମଜିଦ

ଜାନୁଆରୀ 5, 2007

[ଡ. ଏ. ଆର୍. ଲକ୍ଷ୍ମଣନ ଏବଂ ଅଲତମାସ କବିର, ନ୍ୟାୟମୂର୍ତ୍ତିଦ୍ୱୟ]

*ଅନ୍ତରୀଣ ଆଦେଶ:*

*ଉଚ୍ଚ ନ୍ୟାୟାଳୟ – ଅନ୍ୟାନ୍ୟ ବିଷୟ ମଧ୍ୟରେ ଏକକ ନ୍ୟାୟମୂର୍ତ୍ତି ଏକ ରିଟ୍ ଅବେଦନରେ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ଠାରୁ ଶ୍ରମିକଙ୍କ ମଜୁରୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି – ଉକ୍ତ ଆଦେଶକୁ ଆପତ୍ତି କରି କରି ରାଜ୍ୟ ଏକ ଏକସ୍ୱ ପତ୍ର ଅପିଲ ଦାଖଲ କରିଛନ୍ତି – ଖଣ୍ଡପୀଠ ଏକ ଅନ୍ତରୀଣ ଆଦେଶ ଦ୍ୱାରା ରାଜ୍ୟ ସରକାରଙ୍କୁ ସର୍ବନିମ୍ନ ମଜୁରୀ ଅଧିନିୟମ ଅନୁଯାୟୀ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଦୁଇ ସପ୍ତାହ ମଧ୍ୟରେ ଉତ୍ତରଦାତାଙ୍କୁ ଉକ୍ତ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି – ଦର୍ଶାଯାଇଛି, ବିଚାରାଧୀନ ଏକସ୍ୱ ପତ୍ର ଅପିଲ ଉତ୍ତରଦାତାଙ୍କୁ ରାଶି ପ୍ରଦାନ କରିବାକୁ ଖଣ୍ଡପୀଠର ନିର୍ଦ୍ଦେଶ ଏହି ପର୍ଯ୍ୟାୟରେ ଆବଶ୍ୟକ ନୁହେଁ – ତଥାପି, ସର୍ବନିମ୍ନ ମଜୁରୀ ଅଧିନିୟମ ଅନୁଯାୟୀ ମଜୁରୀ ଜମା କରିବାକୁ ନିର୍ଦ୍ଦେଶରେ ହସ୍ତକ୍ଷେପ କରାଯାଇନଥିଲା ଏବଂ ସେଥିପାଇଁ ସମୟ ମଞ୍ଜୁର କରାଯାଇଥିଲା – ଏହିପରି ଜମା ହୋଇଥିବା ରାଶି, ଏକସ୍ୱ ପତ୍ର ଅପିଲର ଚୂଡ଼ାନ୍ତ ଫଳାଫଳ ଉପରେ ନିର୍ଭର କରିବ – ସର୍ବନିମ୍ନ ମଜୁରୀ ଅଧିନିୟମ, 1948 ।*

**ଉତ୍ତରଦାତା-ଶ୍ରମିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ରିଟ୍ ଅବେଦନରେ, ଅନ୍ୟାନ୍ୟ ବିଷୟ ମଧ୍ୟରେ ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତି, ଉତ୍ତରଦାତାମାନଙ୍କୁ ଜାନୁଆରୀ 1992 ତାରିଖ ପରଠାରୁ ସର୍ବନିମ୍ନ ମଜୁରୀ ଯାହା ସମୟ ସମୟକୁ ପ୍ରଚଳିତ ଥିଲା, ପ୍ରଦାନ କରିବାକୁ ଅପିଲକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତାମାନେ ଏକ ଏକସ୍ୱ ପତ୍ର ଅପିଲ ଦାଖଲ କରିଥିଲେ ଏବଂ ଏକ ଅନ୍ତରୀଣ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଅପିଲକାରୀମାନଙ୍କୁ ଜାନୁଆରୀ 1992 ରୁ ମାର୍ଚ୍ଚ 2006 ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଅଧିନିୟମର ସର୍ତ୍ତାବଳୀ ଅନୁଯାୟୀ ମଜୁରୀ ଜମା କରିବାକୁ ଏବଂ ଉକ୍ତ ରାଶି**

**ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବ୍ୟଥିତ ହୋଇ ରାଜ୍ୟ ସରକାର ବର୍ତ୍ତମାନର ଅପିଲ ଦାଖଲ କରିଥିଲେ ।**

**ଅପିଲ ଫଏସଲା କରି ନ୍ୟାୟାଳୟ**

**ଦର୍ଶାଇଥିଲେ: ଏକସ୍ୱ ପତ୍ର ଅପିଲର ଫଏସଲା ହେବା ପର୍ଯ୍ୟନ୍ତ ଦୁଇ ସପ୍ତାହ ମଧ୍ୟରେ ଉତ୍ତରଦାତାଙ୍କୁ ଅର୍ଥ ପ୍ରଦାନ କରିବା ଲାଗି ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଏହି ପର୍ଯ୍ୟାୟରେ ଆବଶ୍ୟକ ନୁହେଁ । ତେବେ, ଜାନୁଆରୀ, 1992 ରୁ ମାର୍ଚ୍ଚ, 2006 ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଅଧିନିୟମର ସର୍ତ୍ତାବଳୀ ଅନୁଯାୟୀ ଉତ୍ତରଦାତାଙ୍କ ମଜୁରୀ, ରାଜ୍ୟ ଜମା କରିବାକୁ ଆବଶ୍ୟକ କରୁଥିବା ନିର୍ଦ୍ଦେଶରେ ହସ୍ତକ୍ଷେପ କରାଯାଇ ନାହିଁ । ତେଣୁ, ସର୍ବନିମ୍ନ ମଜୁରୀ ଜମା ସମ୍ବନ୍ଧୀୟ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ରାଜ୍ୟକୁ ଚାରି ସପ୍ତାହ ମଧ୍ୟରେ ଅଧିକ ସମୟ ଦିଆଯାଇଛି, ଯାହା ଏକସ୍ୱ ପତ୍ର ଅପିଲର ଚୂଡ଼ାନ୍ତ ଫଳାଫଳ ଉପରେ ନିର୍ଭର କରିବ । ଏପରି ଜମା ଉପରେ, ମହାନିବନ୍ଧକ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ୱଳ୍ପକାଳୀନ ସ୍ଥାୟୀ ଜମା ଉପରେ ନିବେଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 65/2007

ଏଲ୍.ପି.ଏ.(ଏସ୍. ଡବ୍ଲ୍ୟୁ.) 81/2006, ସି.ଏମ୍.ପି. ସଂଖ୍ୟା 53/2006ରେ ଜାମ୍ମୁ-କାଶ୍ମୀର ଉଚ୍ଚ ନ୍ୟାୟାଳୟର 3.4.2006 ତାରିଖର ଅନ୍ତରୀଣ ଆଦେଶରୁ।

ଅପିଲକାରୀମାନଙ୍କ ପାଇଁ ଅଲତାଫ ଏଚ୍. ନାୟକ, ଏ. ଜି., ଜାମ୍ମୁ ଓ କାଶ୍ମୀର ରାଜ୍ୟ ଏବଂ ଅନୀସ ସୋହରାୱାର୍ଦୀ ।

ଉତ୍ତରଦାତାଙ୍କ ପାଇଁ ବିଜୟ କୁମାର ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

**ଡ. ଏ ଆର୍. ଲକ୍ଷ୍ମଣନ,** ନ୍ୟାୟମୂର୍ତ୍ତି :ଅନୁମତି ପ୍ରଦାନ କରାଯାଇଛି ।

2. ଶ୍ରୀଯୁକ୍ତ ଅଲତାଫ ଏଚ୍. ନାୟକ, ଜାମ୍ମୁ ଓ କାଶ୍ମୀର ରାଜ୍ୟର ବିଜ୍ଞ ମହାଧିବକ୍ତା ଏବଂ ଉତ୍ତରଦାତାଙ୍କ ପାଇଁ ଶ୍ରୀଯୁକ୍ତ ବିଜୟ କୁମାର, ବିଜ୍ଞ ଅଧିବକ୍ତାମାନଙ୍କୁ ଶୁଣିଲି ।

3. ଏସ୍. ଡବ୍ଲ୍ୟୁ. ପି. ସଂଖ୍ୟା 1513/2004ରୁ ଉତ୍ପନ୍ନ ହୋଇଥିବା ଏଲ୍.ପି.ଏ.(ଏସ୍. ଡବ୍ଲ୍ୟୁ.)81/2006ରେ ଏବଂ ସି. ଏମ୍. ପି. ସଂଖ୍ୟା 53/2006ରେ ତା 03.04.2006ରିଖରେ ପାରିତ ହୋଇଥିବା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏକ ଅନ୍ତରୀଣ ଆଦେଶ ବିରୁଦ୍ଧରେ ଏହି ଅପିଲ ନିର୍ଦ୍ଦେଶିତ ହୋଇଛି ।

4. ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏଠାରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ଫଏସଲା କରିବା ସମୟରେ ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିଥିଲେ:

"(1) ଆବେଦନକାରୀଙ୍କୁ  ସର୍ବନିମ୍ନ ମଜୁରୀ ଅଧିନିୟମ ଅନୁଯାୟୀ ଜାନୁଆରୀ, 1992 ତାରିଖ ପରଠାରୁ ସମୟ ସମୟକୁ ପ୍ରଚଳିତ ସର୍ବନିମ୍ନ ମଜୁରୀ ପ୍ରଦାନ କରନ୍ତୁ ।

2. ଆବେଦନକାରୀଙ୍କୁ  ଶ୍ରେଣୀ IV ଭାବେ ନିୟମିତକରଣ ପାଇଁ ବିଚାର କରାଯିବ ।

3. ଆବେଦନକାରୀ ଦୁଇ ମାସ ମଧ୍ୟରେ ବିଭାଗର ନିୟମିତ ପ୍ରତିଷ୍ଠାନରେ ଉପଲବ୍ଧ ସର୍ବନିମ୍ନ ପଦବୀ ମଧ୍ୟରୁ ସହାୟକ/ ଶ୍ରେଣୀ IV ଭାବରେ ନିୟମିତ ପ୍ରତିଷ୍ଠାନକୁ ଅଣାଯିବ ।

4. ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ନିର୍ଦ୍ଦେଶ ପାଳନ ନ କରିବା ନ୍ୟାୟାଳୟର ଅବମାନନା କାର୍ଯ୍ୟ ହେବ ।

ଦୁଇ ମାସର ଅବଧି ଶେଷ ହେବା ପରେ ନ୍ୟାୟିକ ନିବନ୍ଧକ ଏହି ନଥିକୁ ଏହି ନ୍ୟାୟାଳୟରେ ଉପସ୍ଥାପନ କରିବେ । ଏହି ଆଦେଶର ନକଲ, ଉତ୍ତରଦାତାମାନଙ୍କ ପାଇଁ ହାଜର ହୋଇଥିବା ଶ୍ରୀମତୀ ନେରୁ ଗୋସ୍ୱାମୀଙ୍କୁ ଅନୁପାଳନ ପାଇଁ ଦିଆଯିବ ।

5. ଉକ୍ତ ଆଦେଶ ବିରୁଦ୍ଧରେ ବ୍ୟଥିତ ହୋଇ, ରାଜ୍ୟ ଏଲ୍ ପି ଏ ସଂଖ୍ୟା 81/2006 ଭାବରେ ନଥିରେ ନିଆଯାଇଥିବା ଏକସ୍ୱ ପତ୍ର ଅପିଲକୁ ଆଗତ କରିଛନ୍ତି । ଏକସ୍ୱ ପତ୍ର ଅପିଲରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ସଠିକତାକୁ ରାଜ୍ୟ ଆପତ୍ତି କରିଥିଲେ । ସ୍ୱୀକାରଯୋଗ୍ୟ ଭାବେ, ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଏକସ୍ୱ ପତ୍ର ଅପିଲ ଚୂଡ଼ାନ୍ତ ଫଏସଲା ପାଇଁ ବିଚାରାଧୀନ ରହିଛି । ଇତି ମଧ୍ୟରେ, ଉଚ୍ଚ ନ୍ୟାୟାଳୟ  ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ଯେ ଜାନୁଆରୀ, 1992 ରୁ ମାର୍ଚ୍ଚ, 2006 ରେ ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଅଧିନିୟମର ସର୍ତ୍ତାବଳୀ ଅନୁଯାୟୀ ଉତ୍ତରଦାତାଙ୍କ ମଜୁରୀ ଜମା କରନ୍ତୁ ଏବଂ 03.04.2006 ରୁ ଦୁଇ ସପ୍ତାହ ମଧ୍ୟରେ ଉତ୍ତରଦାତାଙ୍କୁ ଏହି ରାଶି ପ୍ରଦାନ କରନ୍ତୁ । ନ୍ୟାୟାଳୟ ଏହା ମଧ୍ୟ ଅବଲୋକନ କରିଛନ୍ତି ଯେ ଉପରୋକ୍ତ ବିଷୟରେ, ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ନିର୍ଦ୍ଦେଶ ସଂଖ୍ୟା 3 ଏବଂ 4 ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରହିବ । ଉକ୍ତ ଆଦେଶ ଦ୍ୱାରା ବ୍ୟଥିତ ହୋଇ, ରାଜ୍ୟ ଏହି ନ୍ୟାୟାଳୟରେ ଉପରୋକ୍ତ ଅପିଲ ଆଗତ କରିଛନ୍ତି । ଏହି

ନ୍ୟାୟାଳୟ 17.07.2006ରେ ସ୍ୱତନ୍ତ୍ର ଅନୁମତି ଏବଂ ଅନ୍ତରୀଣ ପ୍ରତିକାର ପାଇଁ ଅନୁରୋଧ ଉପରେ ମଧ୍ୟ ବିଜ୍ଞପ୍ତି ଜାରି କରିଥିଲେ ।

6. ଯେପରି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ଏକସ୍ୱ ପତ୍ର ଅପିଲ ଏବେବି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି । ଏକସ୍ୱ ପତ୍ର ଅପିଲରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ସଠିକତା ଉପରେ ରାଜ୍ୟ ପ୍ରଶ୍ନ କରିଛି । ଇତି ମଧ୍ୟରେ, ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠର ବିଜ୍ଞ ନ୍ୟାୟମୂର୍ତ୍ତିମାନେ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜାନୁଆରୀ, 1992 ରୁ ମାର୍ଚ୍ଚ, 2006 ରେ ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଅଧିନିୟମର ସର୍ତ୍ତାବଳୀ ଅନୁଯାୟୀ ଉତ୍ତରଦାତା ମଜୁରୀ ଜମା କରନ୍ତୁ ଏବଂ 03.04.2006 ରୁ ଦୁଇ ସପ୍ତାହ ମଧ୍ୟରେ ଉତ୍ତରଦାତାଙ୍କୁ ଉକ୍ତ ରାଶି ପ୍ରଦାନ କରନ୍ତୁ । ଆମ ମତରେ, ଏକସ୍ୱ ପତ୍ର ଅପିଲର ସମାଧାନ ହେବା ପର୍ଯ୍ୟନ୍ତ ଦୁଇ ସପ୍ତାହ ମଧ୍ୟରେ ଉତ୍ତରଦାତାଙ୍କୁ ଅର୍ଥ ପ୍ରଦାନ କରିବା ପାଇଁ ଉକ୍ତ ନିର୍ଦ୍ଦେଶ ଏହି ପର୍ଯ୍ୟାୟରେ ଆବଶ୍ୟକ ନୁହେଁ । ତେବେ, 1992 ମସିହା ଜାନୁଆରୀ ମାସରୁ ମାର୍ଚ୍ଚ 2006 ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଅଧିନିୟମ ସର୍ତ୍ତାବଳୀ ଅନୁଯାୟୀ ଉତ୍ତରଦାତାଙ୍କୁ ମଜୁରୀ ପ୍ରଦାନ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିବା ଖଣ୍ଡପୀଠଙ୍କ ନିର୍ଦ୍ଦେଶକୁ ଆମେ ରଦ୍ଦ କରିବାକୁ ଚାହୁଁନାହୁଁ । ତେଣୁ, ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ସମ୍ବନ୍ଧୀୟ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଆମେ ରାଜ୍ୟକୁ ଆହୁରି ଚାରି ସପ୍ତାହ ସମୟ ଦେଉଛୁ । ଏକସ୍ୱ ପତ୍ର ଅପିଲର ଚୂଡ଼ାନ୍ତ ଫଳାଫଳର ଆଧାରରେ ଉକ୍ତ ଅର୍ଥରାଶି ଉଚ୍ଚ ନ୍ୟାୟାଳୟର ମହା ନିବନ୍ଧକଙ୍କ ନିକଟରେ ଜମା କରାଯିବ । ଏପରି ଜମା ଉପରେ, ମହା ନିବନ୍ଧକଙ୍କୁ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ୱଳ୍ପକାଳୀନ ସ୍ଥାୟୀ ଜମା ଉପରେ ନିବେଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

7. ଆମେ ଉଚ୍ଚ ନ୍ୟାୟାଳୟକୁ ଅନୁରୋଧ କରୁଛୁ ଯେ ଏହି ନ୍ୟାୟାଳୟରୁ ଏହି ଆଦେଶ ପ୍ରାପ୍ତ ହେବାର ତିନି ମାସ ମଧ୍ୟରେ କିମ୍ବା କୌଣସି ପକ୍ଷ ଦ୍ୱାରା ଏହାକୁ ଉପସ୍ଥାପନ କରାଯିବା ପରେ ଏକସ୍ୱ ପତ୍ର ଅପିଲର ଫଏସଲା କରନ୍ତୁ ।

8. ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଅପିଲଟିର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲ ଫଏସଲା କରାଗଲା ।

# ଜମ୍ମୁ ଏବଂ କାଶ୍ମୀର ରାଜ୍ୟ ବନାମ ଅବଦୁଲ ମଜିଦ [ଲକ୍ଷ୍ମଣନ, ନ୍ୟାୟମୂର୍ତ୍ତି]

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**